

# ମନସ୍ୱୀ ମନମୋହନ

✍ ଶୈଳଜ ରବି

ଅଣା ଦଶକରେ କଟକ ସହର ଖାନ୍‌ନଗର ବସ୍ତିରେ ମୁଁ ଶିଶୁ ଓ କିଶୋରମାନଙ୍କୁ ନେଇ 'ନଚିକେତା ସଂଘ' ନାମରେ ଏକ ସଂସ୍ଥା ଚଳାଇଥିଲି । ପ୍ରତିମାସରେ ଆମେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରୁ ପିଲାଙ୍କୁ କିଛି କହିବାପାଇଁ । ସେ କେଉଁ ବିଷୟରେ କହିବେ ତାହା ତାଙ୍କ ଉପରେ ଛାଡ଼ି ଦେଉଥାଉ । ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ ଥରେ ଡାକିଥିଲୁ ବୁଲୁ ଭାଇଙ୍କୁ, ମାନେ ମନମୋହନ ଚୌଧୁରୀଙ୍କୁ । ଆମେ ଧରି ନେଇଥାଉ ଯେ ଏହି ଗାନ୍ଧିବାଦୀ ଦେଶସେବକ ଗାନ୍ଧି, ବିନୋବା, ସ୍ୱାଧୀନତା ଆନ୍ଦୋଳନ ବା ସେହିଭଳି କିଛି ବିଷୟରେ କହିବେ । ପିଲାଙ୍କୁ କିଛି ହିତୋପଦେଶ ଦେବେ । କିନ୍ତୁ ସେ ପିଲାଙ୍କୁ ଶୁଣାଇଲେ ଚଢ଼େଇଙ୍କ କଥା । ଖାନନଗର ପରି ତାଙ୍କ ବାଖରାବାଦ ମଧ୍ୟ କାଠଯୋଡ଼ି କୂଳରେ । କାଠଯୋଡ଼ିର ଏପାରି ଆଉ ସେ ପାରି କେଉଁକେଉଁ ଗଛରେ ସେ କେଉଁକେଉଁ ପ୍ରକାର ଚଢ଼େଇଙ୍କୁ ଠାବ କରିଛନ୍ତି, ସେମାନଙ୍କ ଗୁଣଗ୍ରାମ, ସେମାନଙ୍କ ସମ୍ପର୍କରେ ମଜାମଜା ଗପ– ଚାଲିଲା ଯେ ଚାଲିଲା ବିବାକ ୨ଘଣ୍ଟା । ପିଲାଏ ମଧ୍ୟ ଯୋଡ଼ି ଦେଉଥାଆନ୍ତି ସେମାନଙ୍କ ଅନୁଭୂତିରୁ ଗୋଟାଏଯୋଡ଼ାଏ କଥା । ସେଇଟି ନଥିଲା ଏକତରଫା ଭାଷଣ । ସିଏ ଥିଲା ବନ୍ଧୁତ୍ୱପୂର୍ଣ୍ଣ ଆଳାପ । ନଥିଲା 'ବାଳକେ ମୋର ବୋଲ କର' ପରି ପ୍ରବଚନ । ଗାନ୍ଧି ଅପେକ୍ଷା ଗାନ୍ଧିବୋଧ ସହିତ ପିଲାଏ ଅଧିକ ପରିଚିତ ହେଲେ । ନିଜ ଚାରିପାଖରେ ଥିବା ପ୍ରକୃତିର ସମ୍ଭାର, ବିଶ୍ୱର କିଛି ରଙ୍ଗବେରଙ୍ଗ ନିରୀହ ସୃଷ୍ଟି ସମ୍ପର୍କରେ ସେହି ଆଲୋଚନା ମାଧ୍ୟମରେ ପିଲାଏ ଅଧିକ ସଚେତନ ହେଲେ । ଗାନ୍ଧିବୋଧ ବା ମାନବବାଦର ପ୍ରକୃତ ସ୍ୱାଦ ଓ ଗନ୍ଧ ସହିତ ପରୋକ୍ଷଭାବେ ପରିଚିତ ହେଲେ ।

ଏଇ ହେଲେ ମନମୋହନ ଚୌଧୁରୀ ଯିଏ କେବେବି ଗାନ୍ଧିବାଦର ଶୁଷ୍କ କର୍ମକାଣ୍ଡ ଭିତରେ ଛନ୍ଦି ହୋଇଯାଇ ନ ଥିଲେ । ଗାନ୍ଧିବୋଧର ମାନବୀୟ ଅନ୍ୱେଷଣ ହିଁ ଥିଲା ତାଙ୍କର ସମସ୍ତ କର୍ମ ଓ ଚିନ୍ତାର ଚାଳିକା ଶକ୍ତି । ଜ୍ଞାନ, କର୍ମ, ଭକ୍ତିର କୌଣସି କୃତ୍ରିମ ହିଡ଼ବାଡ଼ ସେ ମାନିନାହାନ୍ତି । କୌଣସି ଗୋଟିଏ ବୃତ୍ତି କି ଗୋଟିଏ ପ୍ରବୃତ୍ତିର ଖୁଆଡ଼ରେ ବନ୍ଧାହୋଇ ରହିପାରି ନାହାନ୍ତି । ତାଙ୍କର ଆତ୍ମଜୀବନୀ 'କସ୍ତୁରୀ ମୃଗ ସମ'ରେ ସେ ସେଇଥିପାଇଁ କହୁଛନ୍ତି, 'ଏ ଦୁନିଆରେ ବାଡ଼ବୁଜାହୋଇ ଅନେକଗୁଡ଼ିଏ ହତା ତିଆରି ହୋଇଛି । ପ୍ରତ୍ୟେକ ବ୍ୟକ୍ତି ଗୋଟାଏଗୋଟାଏ ହତାଭିତରେ ରହିବ । ଏ ହତା ଭିତରୁ ସେ ହତା ଭିତରକୁ ବିନା ପାସପୋର୍ଟ–ଭିସାରେ ଯାଇପାରିବ ନାହିଁ ।' (ପୃ.୫୧୫) ତା'ପରେ ବିଜ୍ଞାନ, କଳା, ସାହିତ୍ୟ, ଜାତି, ସମ୍ପ୍ରଦାୟ, ଦଳ, ମତବାଦ ଇତ୍ୟାଦିକୁ ନେଇ କିପରି ବିଭିନ୍ନ 'ହତା' ତିଆରି ହୋଇଛି ତା'ର ବର୍ଣ୍ଣନା କରିସାରି ଶେଷରେ ସ୍ୱୀକାର କରିଛନ୍ତି ଯେ ସେ ଜଣେ 'ଅନୁପ୍ରବେଶକାରୀ' । 'ବିନା ପାସପୋର୍ଟ ଭିସାରେ ଗଳିପଶି ହିଡ଼ବାଡ଼ ଭାଙ୍ଗି ଗୋଟାଏ ହତାରୁ ଆଉ ଗୋଟାଏ ହତାକୁ ବାରମ୍ବାର ନିଃସଙ୍କୋଚ ଅନୁପ୍ରବେଶ କରିଛନ୍ତି ବୁଲୁଭାଇ ।



ଅକ୍ଟୋବର ୧୧ରୁ ଆରମ୍ଭ ହେଉଥିବା
ମନମୋହନ ଚୌଧୁରୀ ଜନ୍ମ ଶତବାର୍ଷିକୀ ଉପଲକ୍ଷେ

ପ୍ରଥମେ ସେ ଭାଙ୍ଗିଲେ ଶିକ୍ଷାଗତ ହତାର ହିଡ଼ବାଡ଼ । କଲେଜ ଦୁଆର ମାଡ଼ି ନଥିବା ବୁଲୁଭାଇ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆରେ ଲେଖିଛନ୍ତି ପ୍ରାୟ ୩୦ଖଣ୍ଡ ଉଚ୍ଚ ଦରର ପୁସ୍ତକ– ଅର୍ଥନୀତି, ରାଜନୀତି, ସମାଜତତ୍ତ୍ୱ, ମନସ୍ତତ୍ତ୍ୱ ଓ ପଦାର୍ଥବିଜ୍ଞାନରେ । ତାଙ୍କର ସମଗ୍ର ପରିବାର ସହିତ ସେ ଭାଙ୍ଗିଛନ୍ତି ସାମାଜିକ ତଥା ବୃତ୍ତିଗତ ହତାର ହିଡ଼ବାଡ଼ । ବାପା ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ପତ୍ନୀ ସୁମିତ୍ରା ଦେବୀ, ଦାଦି ନବକୃଷ୍ଣ ଚୌଧୁରୀ, ଖୁଡ଼ୀ ମାଳତୀ ଦେବୀ, ଭଉଣୀ ଅନ୍ନପୂର୍ଣ୍ଣା ମହାରଣା ଓ ଭିଣୋଇ ଶରତ ମହାରଣା, ଦାଦି ଝିଅ ଉତ୍ତରା ଓ ଉତ୍ତରାଙ୍କ ବର ନାରାୟଣ ଦେଶାଇ ସମସ୍ତେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଛନ୍ତି, ଜେଲ୍ ଭୋଗିଛନ୍ତି ଓ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଧନ ଓ କ୍ଷମତା ରାଜନୀତିଠାରୁ ଦୂରରେ ରହି ଦେଶ ସେବାରେ ପୂର୍ଣ୍ଣ ସମୟ ଦେଇ ନିଜକୁ ନିୟୋଜିତ କରିଛନ୍ତି । ଖାଲି ଭାରତ କାହିଁକି, ସମଗ୍ର ପୃଥିବୀ ଇତିହାସରେ ଏଭଳି ବୃହତ୍ତର ପରିବାର ଏକ ସମୟରେ ଦେଶସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିବାର ଦୃଷ୍ଟାନ୍ତ ବିରଳ ।

ବିବାହ ମାଧ୍ୟମରେ ବୁଲୁଭାଇ ନିଜେ ଏବଂ ତାଙ୍କ ପରିବାରର ଅନେକ ଭାଙ୍ଗିଛନ୍ତି ଜାତିଗତ ଓ ପ୍ରାନ୍ତୀୟତାର ହିଡ଼ବାଡ଼ । ସେହିପରି କୌଣସି ବୃତ୍ତି ଅଥବା ବିଦ୍ୟାଗତ ଶୃଙ୍ଖଳା ବାନ୍ଧି ରଖିପାରି ନାହିଁ ଏହି କୃତବିଦ୍ୟ ବିଦ୍ରୋହୀଙ୍କୁ । ସେ ଥିଲେ ଏକାଧାରରେ ଜଣେ ଉଚ୍ଚଦରର ପ୍ରାବନ୍ଧିକ, ଶିଶୁ ସାହିତ୍ୟିକ, ଚିତ୍ରକର, କାର୍ଟୁନିଷ୍ଟ, ଫଟୋଗ୍ରାଫର୍, ସିନେମାଟୋଗ୍ରାଫର୍, ଡାକଟିକଟ ସଂଗ୍ରାହକ ଓ ପକ୍ଷୀ ପର୍ଯ୍ୟବେକ୍ଷକ । ୧୯୩୪ ମସିହାରେ ସେ ମାତ୍ର ୧୯ ବର୍ଷ ବୟସରେ ଓଡ଼ିଶାରେ ଗାନ୍ଧିଜୀଙ୍କ ପଦଯାତ୍ରା ରିପୋର୍ଟିଂ ପାଇଁ ରିପୋର୍ଟର ରୂପେ ନିଯୁକ୍ତ ହୋଇଥିଲେ ସ୍ୱୟଂ ଗାନ୍ଧିଜୀଙ୍କ ଦ୍ୱାରା । ଏ ଦୃଷ୍ଟିରୁ ସେ ବୋଧେ ଓଡ଼ିଶାର ଥିଲେ ସର୍ବକନିଷ୍ଠ ସାମ୍ବାଦିକ 'ମହୁଚାଷ' ସମ୍ପର୍କରେ ସେହି ୩୦ ଦଶକରେ ତାଙ୍କ ପ୍ରସ୍ତୁତ ଚଳଚ୍ଚିତ୍ର ବୋଧେ ଓଡ଼ିଶାର ସର୍ବପ୍ରଥମ ପ୍ରାମାଣିକ ଚଳଚିତ୍ର । ସେ ବୋଧେ ଓଡ଼ିଶାର ଏକମାତ୍ର ମହାକାଶ–ପର୍ଯ୍ୟବେକ୍ଷକ ଯାହାଙ୍କର ନିଜସ୍ୱ (ଏବଂ ନିଜ ହାତଗଢ଼ା) ପର୍ଯ୍ୟବେକ୍ଷଣ କେନ୍ଦ୍ର ରହିଛି । ବୃହସ୍ପତି ଗ୍ରହର ତିନିଟି ବଡ଼ବଡ଼ ଚନ୍ଦ୍ରକୁ ମୁଁ ପ୍ରଥମେ ସେହିଠାରୁ ଦେଖିଥିଲି ।

ସେ ଥିଲେ ଏକାଧାରରେ ଜଣେ ସୁଦକ୍ଷ ଚାଷୀ, ତନ୍ତୀ, ମୋଚି ଏବଂ ବଢ଼େଇ । କମ୍ପୋଷ୍ଟ ତିଆରିଠାରୁ ଚମଡ଼ା କସ କରିବାଯାଏ, ସୂତା କାଟିବାଠାରୁ ମହୁଚାଷୀଙ୍କ ସମବାୟ ଗଢ଼ିବାଯାଏ, ସୂତା ମୋଟ ଜାଣିବା ଯନ୍ତ୍ର ଉଦ୍ଭାବନଠାରୁ ପଡ଼ିଆ ମଝିରେ ମଶାରି ଟାଣିବାର ବିଚିତ୍ର ଉପାୟ ଉଦ୍ଭାବନ କରିବାଯାଏ ବିଚକ୍ଷଣ ବୁଦ୍ଧି ଓ କୁଶଳୀ କାରିଗରର ପାରଦର୍ଶିତା ରହିଥିଲା ବୁଲୁଭାଇଙ୍କଠାରେ । ତାଙ୍କ ଭଣଜା ଖ୍ୟାତନାମା ବୈଜ୍ଞାନିକ ଡ. ଜ୍ଞାନଦେବ ମହାରଣାଙ୍କ ନିକଟରେ ପ୍ରକାଶିତ ଅନବଦ୍ୟ, ଉପଭୋଗ୍ୟ କୃତି 'ମୋ ମାମୁ'ର ପାଠକଙ୍କୁ ଏଥିରେ ପ୍ରକାଶିତ ଏହି କରିତ୍‌କର୍ମା ରେନେସାଁ ବ୍ୟକ୍ତିତ୍ୱଙ୍କ ଜୀବନର କିଛି ଝଲକ୍ ଚମତ୍କୃତ କରିବ । ଦୁର୍ଭାଗ୍ୟର ବିଷୟ, ବହୁମୁଖୀ ପ୍ରତିଭାର ଅଧିକାରୀ ଏହି ବିରଳ ପ୍ରତିଭାଙ୍କର ଏଠି ଏକମାତ୍ର ପରିଚୟ ଥିଲା– 'ଜଣେ ଗାନ୍ଧିବାଦୀ ସମାଜସେବୀ', ଯାହାଙ୍କ ରାଜନୈତିକ ଜୀବନ ମଧ୍ୟ କମ୍ ଚମକପ୍ରଦ ନଥିଲା ।

ସର୍ବୋଦୟ ଆନ୍ଦୋଳନର ସର୍ବଭାରତୀୟ ସଂଗଠନ ସର୍ବସେବାସଂଘର ସେ ସଭାପତି ହୋଇଛନ୍ତି । ବାରାଣସୀସ୍ଥିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗବେଷଣା ସଂସ୍ଥା 'ଗାନ୍ଧିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଷ୍ଟଡିଜ୍'ର ଅଧ୍ୟକ୍ଷ ହୋଇଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ମାନଜନକ 'ଡକ୍ଟରେଟ୍' ଉପାଧି ସମେତ ଦେଶବିଦେଶରୁ ବହୁ ସମ୍ମାନ–ସ୍ୱୀକୃତି ପାଇଛନ୍ତି । ନିଜ ଆତ୍ମଜୀବନୀ ସମେତ ଓଡ଼ିଆ ଭାଷାରେ ୨୦ଖଣ୍ଡ, ହିନ୍ଦୀରେ ୩ଖଣ୍ଡ ଓ ଇଂରାଜୀରେ ୭ଖଣ୍ଡ ପୁସ୍ତକ ରଚନା କରିଛନ୍ତି । ୨ଖଣ୍ଡ ସର୍ବଭାରତୀୟ ହିନ୍ଦୀ ପତ୍ରିକା, ଖଣ୍ଡେ ଓଡ଼ିଆ ପତ୍ରିକା ଏବଂ ଖଣ୍ଡେ ଇଂରାଜୀ ପତ୍ରିକା ସଂପାଦନା କରିଛନ୍ତି । ତାଙ୍କର 'ହାଟ ବଜାରର ବ୍ରହ୍ମଜ୍ଞାନ' ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାର ଓ ଆତ୍ମଜୀବନୀ 'କସ୍ତୁରୀ ମୃଗସମ' ସାରଳା ପୁରସ୍କାର ଲାଭ କରିଛି । ଦିଲ୍ଲୀସ୍ଥିତ ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପ୍ରକାଶ କରିଥିବା ତାଙ୍କର 'ଏକ୍ସପ୍ଲୋରିଂ ଗାନ୍ଧି'ର ଏକାଧିକ ସଂସ୍କରଣ ହୋଇସାରିଛି ।

ଶୋକକୁ ଶ୍ଳୋକରେ ପରିଣତ କରିପାରିଥିବା ଆଦିକବିଙ୍କଠାରୁ ଆହୁରି ଅଧିକ ସ୍ଥିତପ୍ରଜ୍ଞ, ଆହୁରି ପ୍ରଖର 'ଜୀବନ ଶିଳ୍ପୀ' ବୋଲି ପ୍ରମାଣ ଦେଇପାରିଛନ୍ତି ବୁଲୁଭାଇ । କେଉଁ ପିତା ନିଜର ଏକମାତ୍ର ପୁତ୍ର ସୁଦୂର ଆମେରିକାରେ ଦୁର୍ଘଟଣାରେ ପ୍ରାଣ ହରାଇବା ଖବର ପାଇବା ଦିନେ ଦୁଇଦିନ ପରେ ତା'ର ତୈଳଚିତ୍ର ଆଙ୍କିବା ଆରମ୍ଭ କରିପାରିବ ଓ ତା' ଦଶାହ ଦିନ ତାକୁ କାନ୍ଥରେ ଟାଙ୍ଗିପାରିବ । ପୁତ୍ର ବିୟୋଗର ଏକାଦଶାହ ଦିନ ଅନୁଷ୍ଠିତ ପ୍ରାର୍ଥନା ସଭାରେ ବୁଲୁଭାଇ ଇଚ୍ଛା ପ୍ରକାଶ କରିଥିଲେ, 'ମୁଁ ଦେଶକାମ କରିବାକୁ ଶହେ ବର୍ଷ ବଞ୍ଚିବା ଚାହେଁ । ୧୯୧୫ ଅକ୍ଟୋବର ୧୧ରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟକ୍ତି ୮୮ ବର୍ଷ ବୟସରେ ୨୦୦୩ ଜୁନ୍ ୧୧ରେ ମରଶରୀର ତ୍ୟାଗକଲେ । ମାତ୍ର ଦୁଃଖତପ୍ତ ପ୍ରାଣୀଙ୍କ ଆର୍ତ୍ତିନାଶନ ପାଇଁ ବୋଧିସତ୍ତ୍ୱ ପରି ସଂକଳ୍ପବଦ୍ଧ ଏହି ଯୁଗପୁରୁଷ ବାରବାର ଜନ୍ମ ନେଉଥିବେ ସାମ୍ୟ, ସ୍ୱାଧୀନତା ତଥା ମୈତ୍ରୀଭିତ୍ତିକ ଏକ ସମାଜଗଠନ ପାଇଁ ଭାବାଦର୍ଶ ନିର୍ବିଶେଷରେ ଅବିରତ ଲଢୁଥିବା ସଂଗ୍ରାମୀ ସମାଜସେବୀଙ୍କ ସ୍ୱପ୍ନରେ, କର୍ମରେ ।

*(ଲେଖକ ଚାରିଖଣ୍ଡରେ ପ୍ରକାଶିତ 'ମନମୋହନ ଚୌଧୁରୀ ରଚନା ସଂଗ୍ରହ' ସଂପାଦନା କରିଛନ୍ତି)*

*ବନମାଳି ଭବନ, ଖାନ୍‌ନଗର, କଟକ–୧୨, ମୋ:୯୪୩୯୦୭୩୩୧୦*